ସାନୁବାଦ ।

ଚୈତନ୍ୟଦେବ ସ୍ତୋତ୍ରଂ ।

ଶ୍ରୀ ବ୍ରଜକୁମାର ତର୍କରତ୍ନେନ
ବିରଚିତଂ ।

Kallikote Estate Press.
RAMBHA.
1903.

ମୂଲ୍ୟ ଏକଅଣା ମାତ୍ର ।

ଚୈତନ୍ୟଦେବସ୍ତୋତ୍ରଂ ।

ଅୟେ ସଚ୍ଚିଦାନନ୍ଦ ଚୈତନ୍ୟଦେବ
ପ୍ରସୀଦ ପ୍ରଭୋ ମାଂ ପ୍ରଣତଂ ପ୍ରପନ୍ନଂ ।
ମହାପାପିନାଂ କେବଳଂ ତ୍ରାଣହେତୋଃ
ଶଚୀ ମାତୃ ଗର୍ଭାତ୍ ସମୁତ୍ପନ୍ନ ବାଂ ସ୍ତ୍ୱଂ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ ! ମୁ ଆପଣଙ୍କ ଶରଣାପନ୍ନ । ଆପଣ ମୋପ୍ରତି ପ୍ରସନ୍ନ ହେଉନ୍ତୁ । ପ୍ରଭୋ ! ଆପଣ କେବଳ ମହାପାତକୀମାନଙ୍କ ଉଦ୍ଧାର ନିମନ୍ତେ ଶଚୀ ମାତାଙ୍କ ଗର୍ଭରେ ଉତ୍ପନ୍ନ ହୋଇ ଅଛି ।

ତ୍ୱମେବା ଭବୋ ଯାଦବାନାମଧୀଶଃ
ତ୍ୱମେବା ଭବୋ ରାଘବଃ କୋଶଳେଶଃ ।
ଭୃଗୂଣାଂ କୁଳେ ଭାର୍ଗବାଖ୍ୟ ସ୍ତ୍ୱମେବ
ନମସ୍ତେ ସଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଆପଣ ଯଦୁପତି ଶ୍ରୀକୃଷ୍ଣ, ଆପଣହିଁ ଅଯୋଧ୍ୟାପତି ରାମଚନ୍ଦ୍ର, ଆପଣହିଁ ଭୃଗୁବଂଶାବତଂସ ପରଶୁରାମ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛି ।

ବଳ କ୍ଷାଣକ୍ଷେଭୋର୍ଦ୍ଧାନ୍ ବାମନୋଽଭୂ-
ନୃସିଂହୋ ଽଭବଦ୍ ଭକ୍ତବର୍ଯ୍ୟାନୁରୋଧାତ୍ ।
ଜନେନ୍ଦୁଷ୍ଟଜୀବସ୍ୟ ରକ୍ଷାର୍ଥମାସୀ-
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ !

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଆପଣହିଁ ବଳରାଜଙ୍କ ଉଦ୍ଧାର ନିମନ୍ତେ ବାମନ ରୂପେ ଅବତୀର୍ଣ୍ଣ ହୋଇ ଥିଲେ । ଆପଣହିଁ ଭକ୍ତ ଚୂଡ଼ାମଣି ପ୍ରହ୍ଲାଦଙ୍କ ଅନୁରୋଧରେ ନୃସିଂହ ରୂପ ଧାରଣ କରି ଥିଲେ; ଆପଣହିଁ ଜୀବହିଂସା ନିବୃତ୍ତି ନିମନ୍ତେ ବୁଦ୍ଧ ରୂପରେ ଜନ୍ମ ଗ୍ରହଣ କରିଥିଲେ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁ ଅଛି ।

ଶ୍ରୁତେରୁଦ୍ଧରାର୍ଥଂ ଭବାନ୍ ମତ୍ସ୍ୟ ଆସୀତ୍
ବରାହଶ୍ଚ କୂର୍ମ୍ମଶ୍ଚ ଭୂଧାରଣାର୍ଥଂ ।
ଭବାନେବ ରାମୋ ଭବାନେବ କଳ୍କୀ
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଆପଣ ବେଦଚତୁଷ୍ଟୟର ଉଦ୍ଧାର ସକାଶେ ମତ୍ସ୍ୟରୂପ ଧାରଣ କରିଥିଲେ, ଆପଣହିଁ ଧରା ଧାରଣାର୍ଥ ବରାହ ଓ କୂର୍ମ୍ମ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରଭୋ ! ଆପଣହିଁ ବଳରାମ ଏବଂ କଳ୍କୀ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛି ।

କଲୁପ୍ତେ ହରେର୍ନାମକ ପ୍ରାଦୁଶୋଽସ୍ମିଂ
ସ୍ୱଯୈତତ୍ପ୍ରଭୃତ୍ୟର୍ଥଂ ମେବାବତୀର୍ଣ୍ଣଂ ।
ବିନାଯଭକ୍ତଲୌ ନୋଗତର୍ମାନକାନାଂ
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଯେ ନାମ ବ୍ୟତୀତ କଳିରେ ଜୀବର ଉଦ୍ଧାରର ଅଉ ଉପାୟାନ୍ତର ନାହିଁ ;--ସେହି ହରିନାମ ଯେତେବେଳେ ଏଦେଶରୁ ଏକାବେଳକେ ଲୁପ୍ତ ପ୍ରାୟ ହୁଏ ସେହି ସମୟରେ ଆପଣ ତାହାର ପ୍ରଚାର ସକାଶେ ମୂର୍ତ୍ତିରୂପେ ଅବତୀର୍ଣ୍ଣ ହୋଇଥିଲେ । ଅତଏବ ମୁଁ ଅପଣଙ୍କୁ ନମସ୍କାର କରୁଅଛି ।

କଳିଯାଗଲ୍ପ ସ୍ଥାପିତା ପଦ୍ଧତିର୍ଯା
ତ୍ୱୟା ଶ୍ରୀହରେର୍ନାମ ସଙ୍କୀର୍ତ୍ତନସ୍ୟ ।
ଅଲଭ୍ୟଂ ପଦଞ୍ଚାପିଲଭ୍ୟଂ ଯତସ୍ତେ
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଅପଣ ଧରାତଳରେ ଯେ ସଙ୍କୀର୍ତ୍ତନ ପଦ୍ଧତି ସ୍ଥାପନ କରିଅଛନ୍ତି ଅହୋ ! ତାହା ତ ଅପୂର୍ବ । ଯାହାଦ୍ୱାରା ଦୁର୍ଲ୍ଲଭ ଆପଣଙ୍କ ପଦମଧ ଲଭ୍ୟ ହୋଇଥାଏ, ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛି ।

ତ୍ୱମେବାସି ଧାତା ତ୍ୱମେବାସି ପାତା
ତ୍ୱମେବାସ୍ୟ ବିଶ୍ୱସ୍ୟ ନାଶସ୍ୟ କର୍ତ୍ତା ।

ତ୍ରୟାଣାଂ ଜଗତାମେକ କର୍ତ୍ତୃତ୍ୱ ଜନକାରକ
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଆପଣହିଁ ଏହି ତିନି ସଂସାରର ବିଧାତା ଓ ରକ୍ଷାକର୍ତ୍ତା । ପୁଣି ଆପଣହିଁ ଏହାର ନାଶକର୍ତ୍ତା । ଆପଣଙ୍କ ଭିନ୍ନ ଏକାଗ୍ରତ କେହିହିଁ ନୁହେ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛୁ ।

ଚତୁର୍ମୁଖଶ୍ଚତୁର୍ଭିର୍ମୂର୍ତ୍ତୈୈସ୍ତୁ ତ ପ୍ରଭାବ
ନବକ୍ତୁଂ ସମର୍ଥଃଶିବଃ ପଞ୍ଚବକ୍ତ୍ରୈଃ
ଅତୋମାଦୃଶାସ୍ତଂ କଥଂ ବକ୍ତୁମୀଶା
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟ ଦେବ ! ଆପଣଙ୍କ ପ୍ରଭାବ ଯେତେବେଳେ ଚତୁରାନନ ବ୍ରହ୍ମା ଚତୁର୍ମୁଖରେ ଏବଂ ପଞ୍ଚାନନ ମହାଦେବ ପଞ୍ଚମୁଖରେ ମଧ୍ୟ ବର୍ଣ୍ଣନା କରିବାକୁ ଅକ୍ଷମ, ସେତେବେଳେ ମାଦୃଶ ବ୍ୟକ୍ତି ତାହା କିପରି ବର୍ଣ୍ଣନା କରିବ ? ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛୁ ।

ତ୍ୱମେକଶ୍ଚନ୍ଦ୍ରଦାତା କ୍ଷୁଧାର୍ତ୍ତସ୍ୟ ଜନ୍ତୋଃ
ପିପାସୋସ୍ତ୍ୱମେବାସି ପାନୀୟଦାତା ।
ତ୍ୱମେବାସ୍ତିନାଂ ବିପନ୍ନାଣକର୍ତ୍ତା ।
ନମସ୍ତେ ଚିଦାନନ୍ଦ ଚୈତନ୍ୟ ଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ ! ଆପଣହିଁ କ୍ଷୁଧାର୍ତ୍ତ ବ୍ୟକ୍ତିର

ଅନ୍ନଦାତା, ଆପଣହିଁ ତୃଷ୍ଣାତୁର ବ୍ୟକ୍ତିର ଜଳଦାତା, ଆପଣ ବିପନ୍ନବ୍ୟକ୍ତିମାନଙ୍କର ବିପଦ ନାଶକର୍ତ୍ତା । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛୁ ।

ଅହୋ କୀଦୃଶଂ ନାମ ମାଧୁର୍ଯ୍ୟବତ୍ତେ
ସୁଧା ଯୀଯୃତେ ସ୍ୱର୍ଗତଃ ସନ୍ତତଂ ଯୈଃ ।
ସୁରେନ୍ଦ୍ରାଦୟସ୍ତେଽପି ବାଞ୍ଛନ୍ତି ଯତ୍ନ-
ନମସ୍ତେ ଚିଦାନନ୍ଦ ଚୈତନ୍ୟଦେବ ।

ହେସଚ୍ଚିଦାନନ୍ଦ ଚୈତନ୍ୟଦେବ । ଆପଣଙ୍କର ନାମ କି ମଧୁର, ଯେଉଁମାନେ ସ୍ୱର୍ଗମଧ୍ୟରେ ନିରନ୍ତର ସୁଧାପାନ କରିଥାନ୍ତି ସେହି ଇନ୍ଦ୍ରାଦି ଦେବଗଣମଧ୍ୟ ଆପଣଙ୍କନାମ ସକାଶେ ଉତ୍ସୁକ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁ-ଅଛୁ ।

ନ ସାଲୋକ୍ୟତୋ ନାପି ସାରୂପ୍ୟତୋ ବା
ନ ସାଯୁଜ୍ୟତଃ ସାର୍ଷ୍ଟି ସାମୀପ୍ୟତୋ ବା ।
ତଥାନନ୍ଦଲାଭୋ ଯଥା ନାମ ଜପ୍ତେ
ନମସ୍ତେ ଚିଦାନନ୍ଦ ଚୈତନ୍ୟଦେବ ।

ହେସଚ୍ଚିଦାନନ୍ଦ ଚୈତନ୍ୟଦେବ, ଆପଣଙ୍କର ନାମସ୍ମରଣକଲେ ଯେପରି ଆନନ୍ଦ ଜନ୍ମେ ସେପରି ଆନନ୍ଦ ବୋଧହୁଏ ସାଲୋକ୍ୟାଦି ପଞ୍ଚବିଧ ମୁକ୍ତିରେ ମଧ୍ୟ ସମ୍ଭବେ ନାହିଁ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛୁ ।

ଯଦାସ୍ମର୍ଯ୍ୟତେ ନାମ ତେ ଚିତ୍ତମଧ୍ୟେ
ମୟା ଭକ୍ତିପୂର୍ବଂ ପସ୍ପନନ୍ତ୍ୟ ମାଗୈଃ ।
ପ୍ଳୁତଂ ସର୍ବଦେହଂ ଭବତ୍ୟେବ ନୂନଂ
ନମସ୍ତେ ସଦାନନ୍ଦ ଚୈତନ୍ୟଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ, ଯେତେବେଳେ ଆପଣଙ୍କ ନାମ ଭକ୍ତିପୂର୍ବକ ମନୋମଧ୍ୟରେ ସ୍ମରଣକରେ ସେତେବେଳେ ମୋର ସର୍ବାଙ୍ଗ ଆନନ୍ଦଉତ୍ସରେ ପ୍ଳୁତହୁଏ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛି ।

ସୁଧାସ୍ୟନ୍ଦି ନାମାକ୍ଷରଂ ଯୁଷ୍ମଦୀୟଂ
ସ୍ମରନ୍ କୀର୍ତ୍ତୟନ୍ କର୍ଣ୍ଣୟଂ ଶ୍ରାପିନାଡ୍ୟାଂ
ପ୍ରପଦ୍ୟେ ନ ପର୍ଯ୍ୟାପ୍ତି ମନ୍ଦେନ୍ଦ୍ରିୟୋ ହ୍ୟହଂ
ନମସ୍ତେ ସଦାନନ୍ଦ ଚୈତନ୍ୟଦେବ ।

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ ! ମୋର ଇନ୍ଦ୍ରିୟ ଅତିସ୍ୱଳ୍ପ, ସୁତରାଂ ମୁଁ ଯଦବା ଆପଣଙ୍କର ସୁଧାକ୍ଷରଣକାରୀ ନାମ ସର୍ବଦା ସ୍ମରଣ, କୀର୍ତ୍ତନ ଓ ଶ୍ରବଣକରୁଅଛି ତଥାପି ମୋର ଆଶାର ନିବୃତ୍ତି ହେଉନାହିଁ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛି ।

ଭବନ୍ନାମ ପିୟୂଷପାନାଦଦାନାଂ
ଭବେଦସ୍ୟ ପର୍ଯ୍ୟାପ୍ତ ବୁଦ୍ଧିର୍ଯଥୈବ ।
ତଥା ଯାଚିତା ଯିନ୍ଦ୍ରିୟାଣ୍ୟଦ୍ୟ ମହ୍ୟଂ
ନମସ୍ତେ ସଦାନନ୍ଦ ଚୈତନ୍ୟଦେବ !

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ, ଆପଣଙ୍କ ନାମାମୃତ ପାନକରୁ ଯହିଁରେ ମୋର ପର୍ଯ୍ୟାପ୍ତ ବୁଦ୍ଧିହୁଏ ଅର୍ଥାତ୍ ତୃପ୍ତି ଲାଭହୁଏ ଆପଣ ମୋତେ ସେହିପରି ଭକ୍ତିଯୁ ଦାନ କରନ୍ତୁ । ଆପଣଙ୍କୁ ମୁଁ ନମସ୍କାର କରୁଅଛୁ ।

ମୟା ନସ୍ମୃତଂ ଶୈଶବେ ଯୌବନେ ବା
ନ ବା ପ୍ରୌଢଭାସ୍ୟାମିଦଂ ତେ କଦାଚତ୍ ।
ଇଦାନୀଂ ବନା ଭତ୍ ଗତର୍ଜ୍ଜନ୍ତି ବୁଦ୍ଧିଂ
ନମସ୍ତେ ଚଦାନନ୍ଦ ଚୈତନ୍ୟଦେବ !

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ ! ମୁଁ ବାଲ୍ୟ, ଯୌବନ ଅଥବା ପ୍ରୌଢ଼ାବସ୍ଥାରେ କେବେହେଁ ଆପଣଙ୍କର ନାମ ସ୍ମରଣ କରନାହିଁ କନ୍ତୁ ବର୍ତ୍ତମାନ ବାର୍ଦ୍ଧକ୍ୟ ଉପସ୍ଥିତ ହେବାରୁ ବୁଦ୍ଧି- ଅଛୁଯେ ଆପଣଙ୍କ ନାମଭଜନ ଗତ ନାହିଁ । ଅତଏବ ମୁଁ ଆପଣଙ୍କୁ ନମସ୍କାର କରୁଅଛୁ ।

ନ ଯାଚେ ଧନଂ ଜୀବନଂ ଯୌବନଂ ବା
ନ ପୁତ୍ରଂ କଳତ୍ରଂ ନ ବା ରାଜ୍ୟ ମୃଦ୍ଧଂ ।
ସୁଧାସ୍ୟନ୍ଦି ନାମୈବ ଯାଚେ ଭବ୍ଦୀୟଂ
ନମସ୍ତେ ଚଦାନନ୍ଦ ଚୈତନ୍ୟଦେବ !

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ ! ମୁଁ ଆପଣଙ୍କ ନିକଟରେ ଧନ, ଜୀବନ, ଯୌବନ, ପୁତ୍ର କଳତ୍ର ଅଥବା ସମୃଦ୍ଧି ଯୁକ୍ତ ରାଜ୍ୟ ପ୍ରାର୍ଥନା କରୁନାହିଁ , ପ୍ରାର୍ଥନା କେବଳ ଆପଣଙ୍କର

ସୁଧାକ୍ଷରଣକାରୀ ନାମ । ଆପଣ ଯୋଗେ ଆବିର୍ଭାବ କରନ୍ତୁ । ମୁଁ ଆପଣଙ୍କୁ ନମସ୍କାର କରୁଅଛି ।

ଅନ୍ୱୋଭାତ୍ୱଂ କ୍ଵମ ଜ୍ଵଂ ସମ୍ମୁଖେଷ କିଂ
ଯଦାତ୍ଵଂ ସ୍ମରନ୍ ନାମ ତେ ଭକ୍ତିପୂର୍ବଂ ।
ତ୍ୟଜେୟଂ ବପୁର୍ଜାହ୍ନବୀ ତୀରସଂସ୍ଥଂ
ନମସ୍ତେ ଚିଦାନନ୍ଦ ଚୈତନ୍ୟଦେବ ॥

ହେ ସଚ୍ଚିଦାନନ୍ଦ ଚୈତନ୍ୟଦେବ ! ମୁଁ ଆପଣଙ୍କୁ ନମସ୍କାର କରୁଅଛି । ମୋର କି ଏପରି ଦିନ ହେବ—ଯେଉଁଦିନ ଆପଣଙ୍କ ନାମ ସ୍ମରଣ କରୁ କରୁ ଜାହ୍ନବୀ ତୀରରେ ତନୁ ତ୍ୟାଗ କରିବି ?

— ଧ୍ୟାନଂ ।

ଦ୍ୱିଭୁଜଂ ସୁନ୍ଦରଂ ସୁକ୍ଷ୍ମଂ ବଂଶଭସ୍ତ କରଂ କାନ୍ତଂ
ସ୍ମିତାସ୍ୟଂ ପୁଣ୍ଡରୀକାକ୍ଷଂ ଦଧାନଂ ପୀତବାସସଂ ।
କୃଷ୍ଣ କୁନ୍ତଳ ଭାସନ୍ତଂ ସୁଖଦଂ ସୁମନୋହରଂ
ଯତି ବେଶଧରଂ ସୌମ୍ୟଂ ବନମାଳା-ବିଭୂଷିତଂ,
ତାରୟନ୍ତଂ ଜନାନ୍ ସର୍ବାନ୍ ଭବାମ୍ଭୋଧେ ର୍ଦୟାନିଧିଂ
ଇତି ଧ୍ୟାତ୍ୱା ଯଥା ଶକ୍ତି ପୂଜୟେତ୍ ଗୌରସୁନ୍ଦରଂ ।

ସମାପ୍ତ ।

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ଖଲ୍ଲିକୋଟ ଇଷ୍ଟେଟ ପ୍ରେସରେ ବିକ୍ରୟାର୍ଥେ ଜମାଅଛି । ଅଠଅଣା ବା ତହିଁରୁ ବେଶୀ ମୂଲ୍ୟର ପୁସ୍ତକର ମଗାଇଲେ ଭି, ପି, ରେ ପଠାଯାଏ ।

ସନ୍ଧ୍ୟା-ପ୍ରଦୀପ	ଟ ୦/୬	ବର୍ଣ୍ଣବିବେକ	ଌ୦<୬
ଯଜ୍ଞୋପବୀତ ମନ୍ତ୍ର	ଟ ୦<୯	ତୃଗରତ୍ନାକର	ଌ ୦/
ଭକ୍ତଚନ୍ଦ୍ରିକା	ଟ ୦/	ଗୀତପରାଗ	ଌ ୦/
ଶ୍ଳୋକମୁକ୍ତାବଳୀ	ଟ ୦/	କ୍ଷତ୍ରବଂଶ	ଌ ୧
ମନବୋଧ ଚଉଶା	ଟ ୦<୬	ପୁଷ୍ପମାଳା	୦/
ପଣକଅମାଳକା	ଟ ୦/	ବସନ୍ତିକା-ଚିକିତ୍ସା	ଌ ୦/
ଇନ୍ଦ୍ରଜାଲକୌତୁକ	ଟ ୦<୯	ପ୍ରାର୍ଥିନା	ଌ୦<୬
ସ୍ତ୍ରୀ[illegible]	ଟ ୦/	ଦାଢ଼୍ୟଭାଭକ୍ତିରସାମୃତ	ଌ୧
ଗୋ-ଚିକିତ୍ସା ୧ମଭାଗ	ଌ୦/	ବୃହସ୍ପତି ପ୍ରଶ୍ନ	ଌ୦/
ଗୋଚିକିତ୍ସା ୨ୟ ଭାଗ	ଟ ୦/	ଅନୁକୂଳଯାସାନ୍ନିଧ୍ୟ	ଌ୦/
ମାନଭଙ୍ଗ ଚଉତିଶା	ଟ ୦<୬	ଶ୍ଳୋକଶତକଂ	ଌ୦/୬
ନୀତିମନୋରମା	ଌ ୦<୬	ନାମସଙ୍କୀର୍ତ୍ତନ	ଌ୦<୬
ପଦ୍ମମଲ	ଟ ୦/	କୋଇଲିମାଳିକା	ଌ୦<୯
ସ୍ତବରତ୍ନମାଳା	ଟ ୦/୬	ଚନ୍ଦ୍ରାବତୀ ହରଣ	ଌ୦/
ବାଳିକାପାଠ	ଟ ୦/	ଗୋସାକ୍ଷୀ	ଌ୦<୬
ପୀଲ୍‌ବାରକ ଚିକିତ୍ସା	ଌ୦।	ଉତ୍କଳମଧୁପ	ଌ୦/
ଜ୍ୱରଚିକିତ୍ସା	ଟ ୦/	ପଦ୍ମାବତୀ (କାବ୍ୟ)	ଌ୦/
ତୁଳସୀସ୍ତବକ	ଌ ୦/	ଗୃଣକ୍ୟଶ୍ଳୋକ	ଌ୦/